# ଶ୍ରୀଜଗନ୍ନାଥ-ସ୍ଥୁଳ ଓ ସୂକ୍ଷ୍ମ ଦୃଷ୍ଟିରେ

ଶ୍ରୀ ବନମାଳୀ ସୁଆର

ଶ୍ରୀଜଗନ୍ନାଥଙ୍କୁ ଭକ୍ତ ଦର୍ଶନ କଲାବେଳେ ସ୍ଥୁଳ ଦୃଷ୍ଟି ଓ ସୂକ୍ଷ୍ମ ଦୃଷ୍ଟିରେ ବିଭିନ୍ନତା ଉପଲବ୍ଧି କରିଥାଏ । ସ୍ଥୁଳ ଦୃଷ୍ଟିରେ ଶ୍ରୀଜୀଉଙ୍କର (ଶ୍ରୀମନ୍ଦିର ଶବ୍ଦରେ) ପୟରଟି ନିମ୍ନଭାଗରେ ଗୋଲାକାର ଅଂଶ ଓ ଉର୍ଦ୍ଧ୍ୱଭାଗରେ ଦୁଇବାହୁ । ନାସିକା, ଅଧର ଶ୍ରୀମୁଖ, ଚକ୍ରାକାର ଦୁଇଗୋଟି ଭୂଲତାବିହୀନ ନେତ୍ର । ଶ୍ରୀମୁଖରେ କାନ ନାହିଁ, ପୟରରେ ଆଙ୍ଗୁଳି ବିଶିଷ୍ଟ ପାଦ ନାହିଁ କି ଗୋଡ଼ ନାହିଁ । ହାତରେ ମଧ ପାପୁଲି ନାହିଁ କି ଅଙ୍ଗୁଳି ନାହିଁ । ନାକରେ ପୁଡ଼ା ନାହିଁ କି ଅଧରରେ ଦାନ୍ତ ଓ ଜିଭ ନାହିଁ । ନିର୍ମାଣ ଶୈଳୀର ପଟାନ୍ତର ନାହିଁ । ଛଅ ଖଣ୍ଡ ଦାରୁ । ଦାରୁର ନାଭି ମଣ୍ଡଳରେ ଛୋଟ ଗଭୀର ଗର୍ତ୍ତ ମଧ୍ୟରେ ତୁଳସୀ ଚନ୍ଦନ ଜାଇ ଯୂଇ ଫୁଲରେ ବ୍ରହ୍ମଙ୍କ ଅବସ୍ଥିତି ଓ ସୁରକ୍ଷା ପାଇଁ ଗର୍ତ୍ତ ମୁଦ୍ରିତ ହୋଇ ବ୍ରହ୍ମଲେପ ପ୍ରଦାନ କରାଯାଇଥାଏ । (ସ୍ୱୟଂ ଲେଖକ ତାହା ପ୍ରସ୍ତୁତ କରି ଯୋଗାଇ ଥାନ୍ତି ।)

**ଶ୍ରୀଜୀଉଙ୍କ ଅବୟବ :-** ଦାରୁ ଉପରେ ପରସ୍ତ ପରସ୍ତ ହୋଇ ପାଟ ଡ଼ୋରର ବନ୍ଧେଇ, ଠିକ୍ ମଣିଷ ଶରୀର ଭିତରର ଶିରାପ୍ରଶିରା ପରି ଆସ୍ତରଣ । ତାହା ଉପରେ ଦିବ୍ୟ ଲେପ ପ୍ରଦାନ ଓ ପୂର୍ଣ୍ଣ ଅବୟବର ପରିପ୍ରକାଶ । ତାହା ଉପରେ ରକ୍ତ ଓ ଶୁକ୍ଳ ବସ୍ତ୍ରର ଆସ୍ତରଣ । ଶ୍ରୀପୟରଟି ଠିକ୍ ପୃଥିବୀର କାଳ୍ପନିକ ଅକ୍ଷାଂଶ ଓ ଦ୍ରାଘିମା ପରି ପାଟ ଡ଼ୋରରେ ବୁଣାଯାଇ ଛନ୍ଦା ବନ୍ଧା ହୋଇଥାଏ । ଶ୍ରୀମୁଖଟି କଳା, ଧଳା ଓ ନାଲି ରଙ୍ଗରେ ଚିତ୍ରିତ ।

କିନ୍ତୁ ବଡ଼ସିଂହାର ପରେ ପ୍ରାତଃ ଆଳତିରେ ଦେଖିବାକୁ ମିଳେ ଫୁଲର ପାପୁଲି ଓ ଆଙ୍ଗୁଳି । ଫୁଲର ନାକଚଣା ନାକରେ, ବେକରେ ହାର ଓ ପୟର ପାଇଁ ବଡ଼ ପଦକ । ସୁବର୍ଣ୍ଣ ବେଶରେ ଦେଖିବାକୁ ମିଳେ ପୟର ପାଖରେ ସୁବର୍ଣ୍ଣର ଦୁଇଗୋଟି ଗୋଡ଼ ଓ ଦୁଇଗୋଟି ହାତ ଶଙ୍ଖ ଓ ଚକ୍ର ଧରି । ମଙ୍ଗଳ ଆରତୀ ପରେ ଅବକାଶ, ଯେଉଁଥିରେ ଶ୍ରୀଜୀଉମାନଙ୍କର ପାଞ୍ଚ ଗୋଟି ତଡ଼ଗି (ଗାଧୁଆ ବସ୍ତ୍ର) ବ୍ୟବହୃତ ହୁଏ । ପିଢ଼ା, ଖଟୁଲି, ଫୁଲ, ଦାନ୍ତକାଠି, ସୁବର୍ଣ୍ଣ ଜିଭଛେଲା ଲାଗେ । ଗାଧୁଆ ଜଳ ଓ ଦହି, ଅଁଳା, ଚନ୍ଦନ, କର୍ପୂରରେ ସଂସ୍କାର ହୁଏ । କୁଳୁକୁଞ୍ଚା, ମୁହଁଧୂଆ, ମୁହଁପୋଛା, ଦାନ୍ତଘଷା, ଜିଭଛେଲା ଓ ମୁଖ ପ୍ରକ୍ଷାଳନ କରାଯାଇ ସ୍ନାନର ଉପଯୋଗ କରାଯାଏ । ଧାତୁର ଦର୍ପଣରେ ପୁଷ୍ପସଜ୍ଜା କରାଯାଏ । ମନ୍ତ୍ରରେ ପ୍ରତିବିମ୍ବକୁ ଆହ୍ୱାନ କରାଯାଇ ଦହିରେ ସ୍ନାନ କରାଯାଏ । ସ୍ଥୁଳ ଆଖିରେ ହାତ ପାଦ ବିହୀନ ଠାକୁରଙ୍କର ମାନବୀୟ ଲୀଳା, ରାଜକୀୟ ଆଚରଣ । ସ୍ଥୁଳ ଆଖିରେ ଶ୍ରୀଜୀଉମାନଙ୍କର ବସ୍ତ୍ର, ପୋଷାକ ବେଶ ଓ ଅଳଙ୍କାର ଆହୁରି ମନୋଜ୍ଞ ଲାଗେ ।

**ଶ୍ରୀଜୀଉଙ୍କ ବସ୍ତ୍ର -** ସ୍ନାନ ସମୟରେ ସର୍ବମୋଟ ତଡ଼ଗି ଉତ୍ତରୀୟ ଛଅଗୋଟି ଓ ଶ୍ରୀଅଙ୍ଗ ରକ୍ଷା ପାଇଁ ଖଣ୍ଡୁଆ ଏକଗୋଟି, ଅବକାଶ ପରେ ସାହାଣମେଲା ପୂର୍ବରୁ ବାରଲାଗି ଖଣ୍ଡୁଆ ଶ୍ରୀଜୀଉମାନେ ପରିଧାନ କରନ୍ତି । ଚନ୍ଦନଲାଗିରେ ଶାଢ଼ୀ ଖଣ୍ଡୁଆ ଓ ବଡ଼ସିଂହାରରେ ଗୀତଗୋବିନ୍ଦ ଲେଖା ପାଟଶାଢ଼ୀ ପିନ୍ଧନ୍ତି ।

**ଶ୍ରୀଜୀଉମାନଙ୍କର ବେଶ-** ଚୈତ୍ର ମାସ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଆଶ୍ୱିନ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ, ମାର୍ଗଶିର କୃଷ୍ଣ ପ୍ରତିପଦା ଠାରୁ ଓଢ଼ଣଷଷ୍ଠୀ ଯାଏ ସକାଳ ବେଳା ସାଧା ବେଶ, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ବାହୁଡ଼ା ଏକାଦଶୀରେ ରାଜବେଶ, ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ - ରାଧା ଦାମୋଦର ବେଶ, ମାର୍ଗଶିର ମାସ ଶୁକ୍ଳ ପକ୍ଷ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଘୋଡ଼ଲାଗି ବେଶ, ବସନ୍ତ ପଞ୍ଚମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଜାମାଲାଗି ବେଶ । ଭାଦ୍ରବମାସରେ ପ୍ରଭୁଙ୍କର କୃଷ୍ଣଲୀଳା ଆରମ୍ଭ ହୁଏ । ଏହି ସମୟରେ ବନଭୋଜି, କୋଳିବିକା, ବକାସୁର ବଧ, ଅର୍ଘାସୁର ବଧ, କାଳୀୟଦଳନ, ଧେନୁକାସୁର ବଧ, ପ୍ରଳମ୍ବାସୁର ବଧ ବେଶ ଏବଂ କୃଷ୍ଣବଳରାମ ବେଶ, କାର୍ତ୍ତିକ ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ, ବଡ଼ଠାକୁରଙ୍କର ହରିହର ବେଶ, ଏକାଦଶୀରେ ଲକ୍ଷ୍ମୀ ନାରାୟଣ ବେଶ, ଦ୍ୱାଦଶୀରେ ବାମନ ବା ବାଙ୍କଚୂଡ଼ ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବା ଡ଼ାଳିକିଆ ବେଶ, ଚତୁର୍ଦ୍ଦଶୀରେ ଲକ୍ଷ୍ମୀନୃସିଂହ ବେଶ, ପୂର୍ଣ୍ଣିମାରେ ରାଜବେଶ, ମାଘମାସରେ ଗଜଉଦ୍ଧାରଣ ବେଶ ଓ ପଦ୍ମବେଶ ଅନୁଷ୍ଠିତ ହୁଏ । ଶ୍ରୀଜୀଉମାନେ ବିଭିନ୍ନ ପୋଷାକ ଓ ବେଶ ସହ ବିଭିନ୍ନ ସମୟରେ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି ।

**ବେଶ ପାଇଁ ଅଳଙ୍କାର :-** ରାଧାଦାମୋଦର ବେଶ ଓ ଜାମାଲାଗି ବେଶରେ ସର୍ବମୋଟ ୩୦ ମୂର୍ତ୍ତି ବିଭିନ୍ନ ଅଳଙ୍କାର

ଲାଗି ହୁଅନ୍ତି - ଅଳଙ୍କାର ମଧ୍ୟରେ ନଳିଭୁଜ, କୁଣ୍ଡଳ, ତିଳକ, ଆଡ଼କାନି, ଚନ୍ଦ୍ରିକା, ଚନ୍ଦ୍ର ସୂର୍ଯ୍ୟ, ତଡ଼ିଗି, ଓଡ଼ିଆଣୀ, ମାଳି । ଲକ୍ଷ୍ମୀନାରାୟଣ ବେଶରେ - ଶ୍ରୀଭୁଜ, କାନ, ଚନ୍ଦ୍ରିକା, ତଡ଼ିଗି, କିଆ, ଶ୍ରୀପୟର, ଆଡ଼କାନି, ଚନ୍ଦ୍ରସୂର୍ଯ୍ୟ ଓ ଓଡ଼ିଆଣି ପ୍ରଭୃତି ୩୧ଟି ସ୍ୱର୍ଣ୍ଣ ଅଳଙ୍କାର ଓ ୫୪ଟି ସର୍ବମୋଟ ସ୍ୱର୍ଣ୍ଣ କିଆ ଲାଗି ହୁଅନ୍ତି । ହଳ ମୂଷଳ, ଚକ୍ର ଓ ଶଙ୍ଖ ଅଳଙ୍କାର ସହ ଭକ୍ତ ଶ୍ରୀଜୀଉଙ୍କର ସ୍ଥୁଳ ଦୃଷ୍ଟିରେ ରୂପ, ବେଶ, ପୋଷାକ ଓ ଅଳଙ୍କାର ଦେଖି ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଉପଭୋଗ କରିଥାଏ । ଏଥିରେ ମଧ୍ୟ ସୂକ୍ଷ୍ମ ବିଚାରକୁ ବାଦ ଦିଆଯାଇ ପାରିବନି । ସୂକ୍ଷ୍ମ ଦୃଷ୍ଟି ହେଉଛି ଦିବ୍ୟଦୃଷ୍ଟି ବା ଅନ୍ତର୍ଦୃଷ୍ଟି । ଗୀତାର ଦଶମ ଅଧ୍ୟାୟରେ ପ୍ରଭୁ ଭକ୍ତ ଓ ସଖା ଅର୍ଜୁନଙ୍କୁ ନିଜର ଐଶ୍ୱର୍ଯ୍ୟ ଓ ଅନନ୍ତ ବିଭୂତି ବିଷୟରେ ବିସ୍ତାରିତ ଭାବେ ବୁଝାଇ କହିଛନ୍ତି ।

**ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟେ ସ୍ଥିତଃ**

**ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ।**

ଅର୍ଥ - ଆମ୍ଭେ ସବୁ ଭୂତଙ୍କ ହୃଦୟରେ ଅବସ୍ଥିତ ଆତ୍ମା ସର୍ବଭୂତଙ୍କର ଉତ୍ପତ୍ତି, ସ୍ଥିତି ଓ ବିନାଶ ସ୍ୱରୂପ ମଧ୍ୟ । ତେଣୁ ସେ ସର୍ବଶ୍ରେଷ୍ଠ । ସେ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିଷ୍କମାନଙ୍କ ମଧ୍ୟରେ ସୂର୍ଯ୍ୟ, ବାୟୁମାନଙ୍କ ମଧ୍ୟରେ ମରୀଚି, ନକ୍ଷତ୍ରମାନଙ୍କ ମଧ୍ୟରେ ଶଶୀ । ଦ୍ୱାଦଶ ଆଦିତ୍ୟ :- ଧାତା, ମିତ୍ର, ଅର୍ଯ୍ୟମା, ରୁଦ୍ର, ବରୁଣ, ସୂର୍ଯ୍ୟ, ଭଗ, ବିବସ୍ୱାନ୍, ପୂଷା, ସବିତା, ତ୍ୱଷ୍ଟା ଓ ବିଷ୍ଣୁ । ସାତଗୋଟି ବାୟୁ :- ଆବହ, ପ୍ରବହ, ବିବହ, ପରାବହ, ଉଦ୍‌ବହ, ସଂବହ, ପରିବହ । ଏକାଦଶ ରୁଦ୍ର ମଧ୍ୟରେ ସେ ଶଙ୍କର, ବସୁମାନଙ୍କ ମଧ୍ୟରେ ସେ ଅଗ୍ନି, ପର୍ବତମାନଙ୍କ ମଧ୍ୟରେ ସୁମେରୁ, ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ କୁବେର, ଜଳାଶୟମାନଙ୍କ ମଧ୍ୟରେ ସାଗର, ସେନାପତିମାନଙ୍କ ମଧ୍ୟରେ କାର୍ତ୍ତିକେୟ, ପୁରୋହିତମାନଙ୍କ ମଧ୍ୟରେ ବୃହସ୍ପତି । ଏହିପରି ଅନେକ ଅନେକ ଶ୍ରେଷ୍ଠତ୍ୱ ସେ ପ୍ରତିପାଦନ କରିଛନ୍ତି । ୧୦ମ ଅଧ୍ୟାୟରେ ୨୧ ଠାରୁ ୪୧ ଶ୍ଳୋକ ପର୍ଯ୍ୟନ୍ତ ଏହା ବର୍ଣ୍ଣିତ ହୋଇଛି । ସବୁଠାରୁ ସାରତତ୍ତ୍ୱ ହେଲା ସମସ୍ତ ଭୂତର ସେ ମୂଳ କାରଣ । ଚରାଚରର ସମସ୍ତ ବସ୍ତୁ ତାଙ୍କ ଠାରୁ ଉତ୍ପନ୍ନ । ସେହି ଦିବ୍ୟ ବିଭୂତିର ସୀମା ନାହିଁ । ପ୍ରଭୁ ମାତ୍ର ସଂକ୍ଷେପରେ ତାଙ୍କର ବିଭୂତିକୁ ପ୍ରକାଶ କରିଛନ୍ତି ଯେ, ଯେଉଁ ଯେଉଁ ଐଶ୍ୱର୍ଯ୍ୟ ଶ୍ରୀଯୁକ୍ତ ଓ ପ୍ରଭାବଶାଳୀ, ତାହା ସେହି ପ୍ରଭୁଙ୍କର ଅଂଶରୁ ହିଁ ଉତ୍ପନ୍ନ ।

**ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।**
**ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ।**
**ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ଚ ।**
**ତତ୍ତ୍ୱ ଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ।**

୧୧ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ଯେ ଭକ୍ତସଖା ଅର୍ଜୁନ ପ୍ରଭୁଙ୍କର ଐଶ୍ୱରିକ ରୂପ ଦେଖିବାକୁ ଇଛା ପ୍ରକାଶ କରିଅଛନ୍ତି ।

**ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ।**

ଦିବ୍ୟଦୃଷ୍ଟି ବା ସୂକ୍ଷ୍ମଦୃଷ୍ଟି ବା ଜ୍ଞାନଦୃଷ୍ଟି ପ୍ରାପ୍ତ ହୋଇ ଅର୍ଜୁନ ପ୍ରଭୁଙ୍କର ଐଶ୍ୱରିକ ଲୀଳା ଓ ବିଭୂତି ଯାହା ଦେଖିଲେ, ତାହା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ, ମାତ୍ର ବିଭୁକୃପାରେ ହିଁ ସମ୍ଭବ । ପୂର୍ବେ ଯାହା ଯାହା କହିଥିଲେ, ସେ ସବୁକୁ ଦେଖାଇ ଦେଲେ । ତାଙ୍କର ଶରୀରରେ ସ୍ଥାବର, ଜଙ୍ଗମ ଓ ସମସ୍ତ ଜଗତକୁ ଦେଖି ଅର୍ଜୁନ ଆଶ୍ଚର୍ଯ୍ୟ ହେଲେ । ଏହା ସେହି ଦିବ୍ୟଦୃଷ୍ଟି ବଳରେ ସମ୍ଭବ ହେଲା ।

**ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।**
**ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗନେମୈଶ୍ୱରମ୍ ।**

ଅନେକ ମୁଖ, ନେତ୍ର, ଦର୍ଶନୀୟ ବସ୍ତୁ, ଦିବ୍ୟ ଅଳଙ୍କାର, ଦିବ୍ୟାସ୍ତ୍ର, ଦିବ୍ୟମାଲ୍ୟ, ଦିବ୍ୟବସ୍ତ୍ର, ଦିବ୍ୟଗନ୍ଧ ଅନୁଭୂତିରେ ଆଣିଲେ ଅନେକ ବାହୁ, ଉଦର, ମୁଖ, ନେତ୍ର, ଅନନ୍ତ ରୂପ ଦେଖିବାକୁ ପାଇଛନ୍ତି । କିରୀଟ, ଗଦା ଓ ଚକ୍ର ଓ ଅପରିମେୟ ରୂପ । ଆଦି ଅନ୍ତ ମଧ୍ୟ ବିହୀନ, ଅନନ୍ତ ପ୍ରଭାବଶାଳୀ, ଅନନ୍ତ ବାହୁ, ଚନ୍ଦ୍ର ଓ ସୂର୍ଯ୍ୟସମ ଦୁଇ ନେତ୍ର, ମୁଖମଣ୍ଡଳ ପ୍ରଦୀପ୍ତ ଅଗ୍ନିସମ ସଦା ପ୍ରଜ୍ୱଳିତ । ଈଶ୍ୱରଙ୍କ ଉଗ୍ରମୂର୍ତ୍ତିକୁ ଦେଖି ଅର୍ଜୁନ ଭୟଭୀତ ମଧ୍ୟ ହୋଇଛନ୍ତି । ସେହି ଭୟଙ୍କର ରୂପକୁ ରାକ୍ଷସମାନେ ଦର୍ଶନ କରି ଭୟରେ ପଳାୟନ କରୁଥିବାର ଭକ୍ତସଖା ଦେଖି ପାରିଛନ୍ତି ।

ଶ୍ରୀଜଗନ୍ନାଥ ସ୍ଥୂଳ ସାକାର କିନ୍ତୁ ସୂକ୍ଷ୍ମ ଓ ଦିବ୍ୟ ଦୃଷ୍ଟିରେ ଅଣାକାର ଓ ଅକ୍ଷୟ କାଳ । ସମଗ୍ର ଜଗତ୍ ତାଙ୍କର ରୂପ କଳାରେ, ଅଗଣିତ ଚନ୍ଦ୍ରସୂର୍ଯ୍ୟଙ୍କ ପ୍ରତୀକ ଦୁଇଟି ଚକ୍ଷୁ ତାଙ୍କରି ଅନନ୍ତ ସତ୍ତାରେ । କାଳରୂପୀ ମୁଖ, ଲେଲିହାନ ଅଗ୍ନିତେଜ ସଦୃଶ ଅଧର ସମଗ୍ର ଜଗତକୁ ମଧ୍ୟ ଭକ୍ଷଣ ଅଥବା ଅନ୍ତ କରେ । ତାଙ୍କର ଗୋଲାକାର ଶ୍ରୀପୟର ଏହି ସଂସାର ପୃଥିବୀର ନମୁନା, ଯାହାକି ତାଙ୍କରି ମଧ୍ୟରେ । ଅର୍ଜୁନଙ୍କ ପରି ଦିବ୍ୟ ଦୃଷ୍ଟି ପ୍ରାପ୍ତ ଭକ୍ତ ଯାହା ଦର୍ଶନ କଲେ, ତାହା ହିଁ ଶ୍ରୀଜୀଉଙ୍କ ରୂପ, ବେଶ, ପୋଷାକ, ଅଳଙ୍କାର ମଧ୍ୟରେ ଦୃଷ୍ଟିଗୋଚର ହୁଏ । ସୃଷ୍ଟି ତତ୍ତ୍ୱ ଓ ବିକାଶର କ୍ରମ ବିବର୍ତ୍ତନକୁ ପୁରୁଷୋତ୍ତମ ଯୋଗ ନାମକ ୧୫ଶ ଅଧ୍ୟାୟରେ ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ବର୍ଣ୍ଣନା କରାଯାଇଅଛି ।

ସୂକ୍ଷ୍ମଭାବରେ ତାହା ତ ସେହି ପୁରୁଷୋତ୍ତମ ଜଗନ୍ନାଥଙ୍କ ରୂପର ସ୍ଥୁଳତାରେ ଉପଲବ୍ଧ ହୁଏ । ଉର୍ଦ୍ଧ୍ୱରେ ମୂଳ, ନିମ୍ନକୁ ଗଣ୍ଡି, ଶାଖା ଓ ପ୍ରଶାଖା, ପତ୍ର, ପୁଷ୍ପ ଓ ଫଳ । ଉର୍ଦ୍ଧ୍ୱରୁ

ଶକ୍ତି ନିମ୍ନକୁ ଆସି ସୃଷ୍ଟିକୁ ବିକଶିତ କରିଥାଏ । ଶ୍ରୀଜଗନ୍ନାଥଙ୍କର ମଥାର ଶୀର୍ଷରେ ପ୍ରଜ୍ଜ୍ୱଳିତ ଜ୍ୟୋତିର ତେଜ ନିମ୍ନକୁ ଚନ୍ଦ୍ର ସୂର୍ଯ୍ୟ ସଦୃଶ ଚକ୍ଷୁ, ନିମ୍ନକୁ ନାସିକା ପ୍ରାଣବାୟୁର ସୃଷ୍ଟି, ସମାନ୍ତର ବାହୁ ସମଗ୍ର ସୃଷ୍ଟିକୁ ନିର୍ଦ୍ଦେଶ କରୁଛି । ଅଧର ସମସ୍ତଙ୍କୁ ଦହନ କରୁଛି ଓ ଶ୍ରୀପୟର ଏହି ଧରିତ୍ରୀକୁ ଇଙ୍ଗିତ କରୁଛି । ସ୍ଥୁଳ ଓ ସୂକ୍ଷ୍ମର ସମନ୍ୱୟ ରୂପତତ୍ତ୍ୱରେ ଓ ବେଶ, ପୋଷାକ ଅଳଙ୍କାରରେ ।

ରାତ୍ରିର ବିଦାୟ ଓ ଦିବସର ଆଗମନର ସନ୍ଧିକ୍ଷଣରେ ମଙ୍ଗଳ ଆଳତି ଓ ଦିବସର ବିଦାୟ ତଥା ରାତ୍ରିର ଆଗମନରେ ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତି । ଆଳତିର ପ୍ରଜ୍ଜ୍ୱଳିତ ଅଗ୍ନିତେଜ ସମଗ୍ର ଜଗତକୁ ଆଲୋକିତ କରେ । ଅନନ୍ତ ମହାଶୂନ୍ୟରେ ଝୁଲା ପୃଥିବୀରେ ଶ୍ରୀମନ୍ଦିର ମଧରେ ଅବକାଶ ବେଳେ - ଶୂନ୍ୟରେ ଦାନ୍ତକାଠି ଚାଳନା, ଶୂନ୍ୟରେ ଜିଭଛେଲା, ମୁଖ ଓ ଚକ୍ଷୁ ପ୍ରକ୍ଷାଳନ ପ୍ରଭୃତିରେ, ପ୍ରତିବିମ୍ବରେ ସ୍ନାନ - ସୂକ୍ଷ୍ମ ବିଚାରରେ ଅଣାକାର ଅନାଦି ଅନନ୍ତତାକୁ ସାକାର କରି ଶ୍ରୀଜଗନ୍ନାଥଙ୍କ ରୂପତତ୍ତ୍ୱରେ ସମଗ୍ର ଜଗତକୁ ଦର୍ଶନ ଓ ଉପଲବ୍ଧି କରିବାର ପ୍ରଚେଷ୍ଟା ଓ ଦୃଷ୍ଟାନ୍ତ । ବିଶ୍ୱର ଆଧାତ୍ମିକ କେନ୍ଦ୍ର - ଶ୍ରୀମନ୍ଦିରସ୍ଥ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ଉଭୟ ସ୍ଥୁଳ ଓ ସୂକ୍ଷ୍ମ ତତ୍ତ୍ୱର ସମନ୍ୱୟ । ସୂକ୍ଷ୍ମରେ ଦିବ୍ୟ ଦୃଷ୍ଟିରେ ଐଶ୍ୱରିକ ରୂପ ଯାହା, ସ୍ଥୁଳରେ ଶ୍ରୀଜଗନ୍ନାଥଙ୍କର ରୂପ, ବେଶ, ପୋଷାକ ଓ ଅଳଙ୍କାରରେ ସେହିପରି । ଯାହାର ପାଟି ଭିତରେ ଅସଂଖ୍ୟ ଜଗତ, ଯାହାର ପ୍ରତି ଲୋମକୂପରେ ଅସଂଖ୍ୟ ବ୍ରହ୍ମାଣ୍ଡ, ତାହାଠାରେ ସବୁ ଐଶ୍ୱର୍ଯ୍ୟ, ବିଭବ, ଶ୍ରୀ ଓ ସୌନ୍ଦର୍ଯ୍ୟ ମଧ ନିହିତ । ତେଣୁ ପ୍ରଭୁ ସ୍ଥୁଳରୂପୀ ହୁଅନ୍ତୁ ବା ସୂକ୍ଷ୍ମରୂପୀ ହୁଅନ୍ତୁ, ଭକ୍ତମାନଙ୍କୁ କୃପା ପ୍ରଦାନ କରି ଅର୍ଜ୍ଜୁନଙ୍କ ପରି ଭକ୍ତ ଓ ସଖା ସୃଷ୍ଟି କରନ୍ତୁ ।

❒❒❒

**ସେବାୟତ**
**ଆଡ୍‌ଭୋକେଟ୍, ପୁରୀ**